# ଧାର୍ଯ୍ୟ ସମୟରେ କାମ ଶେଷ ନେଇ ଆଶଙ୍କା

ପ୍ରଶାନ୍ତ କୁମାର ବାରିକ
ସାକ୍ଷୀଗୋପାଳ, ୩।୬(ସ୍ୱ.ପ୍ର.)



**ଓଡ଼ିଆ ବିଶ୍ୱବିଦ୍ୟାଳୟ**
- ସରିଛି ମାତ୍ର ୧୫ ପ୍ରତିଶତ ନିର୍ମାଣ
- ଶେଷ ହୋଇପାରିନି ଉଚ୍ଛେଦ କାର୍ଯ୍ୟ

ଐତିହ୍ୟ ସମ୍ପନ୍ନ ବକୁଳବନରେ ଏକଦା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ୱପ୍ନର ବନ ବିଦ୍ୟାଳୟ ଗଢ଼ିଉଠିଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଏହି ଅନୁଷ୍ଠାନ ଉତ୍ସର୍ଗୀକୃତ ଥିଲା। ଶିକ୍ଷା ସହିତ ସମାଜ ଗଠନ ନିମନ୍ତେ ଏଠାରେ ଛାତ୍ରମାନଙ୍କୁ ତିଆରି କରାଯାଉଥିଲା। ୩ ବର୍ଷ ତଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ତଥା ଏ କ୍ଷେତ୍ରରେ ଅଧିକ ଗବେଷଣା ଉଦ୍ଦେଶ୍ୟରେ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ, ୨୦୧୮ ଉତ୍କଳମଣିଙ୍କ ଜୟନ୍ତୀ ଅର୍ଥାତ ଅକ୍ଟୋବର ୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ କେତେକ ସମସ୍ୟା ଯୋଗୁ ୨ବର୍ଷ ବିଳମ୍ବରେ ଅର୍ଥାତ ୨୦୨୧ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ମାତ୍ର ୧୫ ପ୍ରତିଶତ କାମ ସରିଛି। ତେଣୁ ନିର୍ଦ୍ଧାରିତ ସମୟ ଅର୍ଥାତ ୨୦୨୩ ଜୁନ୍ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ପ୍ରଥମେ ସତ୍ୟବାଦୀ ତହସିଲ ଅନ୍ତର୍ଗତ ଫୁଲଅଳସା ମୌଜାର ୨୮ ଏକର ୭୪ ଡିସିମିଲ ଜମି ଚିହ୍ନଟ ହୋଇଥିଲା। ଜମିର ମାଲିକ ସତ୍ୟବାଦୀ ଗୋପୀନାଥ ଦେବ ହୋଇଥିବାରୁ ରାଜ୍ୟ ସରକାର ଏହି ଜମି କିଣିବା ପାଇଁ ଦେବୋତ୍ତର କମିଶନରଙ୍କୁ ଆବେଦନ କରିଥିଲେ। ତେବେ ସାକ୍ଷୀଗୋପାଳଙ୍କ ଗୁପ୍ତ ବୃନ୍ଦାବନ ଲୀଳାକ୍ଷେତ୍ର ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେନାପଟାଲାଗି ନୀତି ସହିତ ଜଡ଼ିତ ବକୁଳବନକୁ ସଂରକ୍ଷିତ ରଖିବା ଲାଗି ସତ୍ୟବାଦୀ ଅଞ୍ଚଳବାସୀ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଏହି ଅନୁରୋଧ କ୍ରମେ ବକୁଳବନକୁ ବାଦ୍ ଦିଆଯାଇ ଖାତା ନଂ. ୧୦୦ରେ ଥିବା ବାକି ୯ ଏକର ୬୦ ଡିସିମିଲ ଜମିରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ସରକାର ୨୦୨୦ ଅକ୍ଟୋବର ୧୦ରେ ଜମି କିଣିଥିଲେ। ଏ ସଂକ୍ରାନ୍ତ ଡିଜାଇନ୍‌କୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ୩୦ କୋଟି ୩୦ ଲକ୍ଷ ୩ହଜାର ୩ଶହ ଟଙ୍କା ବ୍ୟୟ ବରାଦ କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ୍ କର୍ପୋରେଶନ (ଓବିସିସି)କୁ କାର୍ଯ୍ୟାଦେଶ ଦିଆଯାଇଛି। ଓବିସିସି ଅଧୀନରେ ଭୁବନେଶ୍ୱରର ଆଚାର୍ଯ୍ୟ ବ୍ରଦର୍ସ କନ୍‌ଷ୍ଟ୍ରକ୍‌ଶନ ପ୍ରାଇଭେଟ ଲିମିଟେଡ୍ (ଏବିସିପିଏଲ୍) ଏହାର ନିର୍ମାଣ କାର୍ଯ୍ୟ କରୁଛନ୍ତି। ୨୦୨୧ ଡିସେମ୍ବର ୮ରେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦୨୩ ଜୁନ୍ ୭ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏବେସୁଦ୍ଧା ଆଡ୍‌ମିନିଷ୍ଟ୍ରେଟିଭ ବ୍ଲକ, ସ୍କୁଲ ଅଫ୍ ଲର୍ନିଙ୍ଗ, ଷ୍ଟୁଡେଣ୍ଟ ହଷ୍ଟେଲ, ସ୍କଲାର ହଷ୍ଟେଲ, ଲାଇବ୍ରେରୀ, କାଫେଟାରୀ ଓ କ୍ୟାଟରିଂ, ୬ଟି ବିଲ୍ଡିଂର ପାଇଲିଂ କାମ ସରିଛି। ୧୫ ପ୍ରତିଶତ କାମ ଶେଷ ହୋଇଛି ବୋଲି ଏବିସିପିଏଲ୍‌ର ଯନ୍ତ୍ରୀ ଅଭିଷେକ ତ୍ରିପାଠୀ ସୂଚନା ଦେଇଛନ୍ତି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା କହିଛନ୍ତି, ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହେଉଥିବା ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଆମ ଅଞ୍ଚଳର ଶିକ୍ଷା ଓ ଅର୍ଥନୈତିକ ବିକାଶ ହେବ ବୋଲି ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ଏହି ଅନୁଷ୍ଠାନ ଓଡ଼ିଆ ଭାଷାର ଆତ୍ମା ଭାବେ କାର୍ଯ୍ୟ କରିବ ଏବଂ ଅଧିକ ଗବେଷଣା କରାଯାଇପାରିବ ବୋଲି ଶିକ୍ଷାବିତ ମନୋରଞ୍ଜନ ମିଶ୍ର କହିଛନ୍ତି। ଏଠାରେ ଅଧ୍ୟୟନ ଦ୍ୱାରା ଓଡ଼ିଆ ଭାଷା ଓ ସଂସ୍କୃତି ପରମ୍ପରା ସମ୍ପର୍କରେ ଅଧିକ ଜାଣିପାରିବୁ ବୋଲି ସ୍ଥାନୀୟ ଅଞ୍ଚଳର ଛାତ୍ରୀ ସୁଶ୍ରୀ ସଙ୍ଗୀତା ଜେନା ମତବ୍ୟକ୍ତ କରିଛନ୍ତି। ଆଇନଜୀବୀ ଗୁଣ୍ଡିଚା ବରାଳ କହିଛନ୍ତି, ବନ ବିଦ୍ୟାଳୟ ମାଟିରେ ବିଶ୍ୱବିଦ୍ୟାଳୟ ହେଉଥିବାରୁ ସେହି ମଣିଷ ତିଆରି କାରଖାନାର ସ୍ମୃତି ସବୁ ପୁଣି ଜୀବନ୍ତ ହୋଇଉଠିବ। ତେବେ ଆଗକୁ ବର୍ଷାଋତୁ ଆସୁଛି, ଏହି ସମୟରେ କାମ ଧିମେଇ ଯାଇପାରେ। ଆହୁରି ଉଚ୍ଛେଦ ମଧ୍ୟ ବାକି ରହିଛି। ଫଳରେ ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ନିର୍ମାଣ କାର୍ଯ୍ୟ ପରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପ୍ରଭୃତି ଭିତ୍ତିଭୂମି ନେଇ ଅନେକ କାର୍ଯ୍ୟ ହେବ। ତେଣୁ ନାମଲେଖା ପ୍ରକ୍ରିୟା ଓ ପାଠପଢ଼ା କେବେହେବ ତାହା ଏବେଠୁ କହିବା କଷ୍ଟକର। ଏଥିଯୋଗୁ ଏହି ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବାକୁ ସ୍ୱପ୍ନ ଦେଖୁଥିବା ଛାତ୍ରୀଛାତ୍ରଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟପକ୍ଷରେ ଏବିସିପିଏଲ୍‌ର ଯନ୍ତ୍ରୀ ତ୍ରିପାଠୀ କହିଛନ୍ତି, କାମ ଜୋରଦାର ଚାଲିଛି। ବର୍ଷାଦିନେ କାମ କରାଯିବା ନେଇ ସମସ୍ତ ସାଧନ ଆମ ପାଖେ ଉପଲବ୍ଧ ରହିଛି। କିଛି ଚିନ୍ତାର କାରଣ ନାହିଁ, ଆମେ ନିର୍ଦ୍ଧାରିତ ସମୟରେ କାମ ସାରି ଓବିସିସିକୁ ହସ୍ତାନ୍ତର କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ତହସିଲଦାର ଜୟନ୍ତ କୁମାର ଜୟସିଂ କହିଛନ୍ତି, ୯ ଏକର ୬୦ ଡିସିମିଲ ଜମିର ମାତ୍ର ୧୦ ଡେସିମିଲରୁ ଅଳ୍ପ କେତୋଟି ପରିବାରକୁ ଖୁବଶୀଘ୍ର ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯିବ। ସେହିପରି ସେବା ପାଇଁ ଠାକୁରଙ୍କ ପୋଖରୀ ବ୍ୟବହାର ସହ ପୂର୍ବଭଳି ଯାନିଯାତ୍ରା କରାଯାଇପାରିବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୋନୁ



@ ଶୁଭଶ୍ରୀ



@ ଚିନ୍ମୟୀ



@ ମୁରଲୀ



@ ସ୍ନେହାଶିଷ





ବ୍ରଜରାଜନଗର ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ବିଜୟୀ ହୋଇଛନ୍ତି। ଏହି ଖୁସିରେ ଭୁବନେଶ୍ୱରସ୍ଥିତ ଯୁବ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଦଳୀୟ ନେତା, କର୍ମୀଙ୍କ ସହ ବ୍ରଜରାଜନଗରବାସୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀ ଶ୍ରୀ ସଙ୍କଟମୋଚନ ଆଶ୍ରମ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସ ଯାତ୍ରା, ରସୁଲଗଡ଼ ଶିଳ୍ପାଞ୍ଚଳ, ପୂର୍ବାହ୍ନ ୯ଟା।
- ଓଡିଏମ୍ ଗ୍ଲୋବାଲ ସ୍କୁଲ ପକ୍ଷରୁ ସ୍ପୋର୍ଟସ୍ ସ୍କଲାରଶିପ ଫଣ୍ଡ କାର୍ଯ୍ୟକ୍ରମ, ସ୍କୁଲ ପରିସର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ଲେଖକ ସାମ୍ମୁଖ୍ୟ ପକ୍ଷରୁ ଏକ କବି ସମ୍ମିଳନୀ, ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଆଲୋଚନା, ବୁଦ୍ଧ ମନ୍ଦିର ସଭାଗୃହ, ସନ୍ଧ୍ୟା ୬ଟା।
- ଦି ହୋଲିଷ୍ଟିକ ଡ୍ରଗ ଡି- ଆଡିକ୍ସନ ପାଇଲଟ ପ୍ରୋଜେକ୍ଟ ଡ୍ରିମ୍ସ, କମିଶନରେଟ ପୋଲିସ କାର୍ଯ୍ୟାଳୟ, ସନ୍ଧ୍ୟା ୬ଟା।
- ସିଆର୍‌ଓ ଫାର୍ମା ଟ୍ରେଣ୍ଡସ୍ର ୫ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ପିପୁଲ ପଦ୍ମଜା ହୋଟେଲ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୭ଟା।

କଟକ
- ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ପକ୍ଷରୁ ପ୍ରତିବାଦ ସଭା, ଗାନ୍ଧୀଭବନ, ଗଣେଶ ଘାଟ, ସନ୍ଧ୍ୟା ୬ଟା ।

# ନୀତି ବିଭ୍ରାଟ: ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ବନ୍ଦ

ପୁରୁଣା ଭୁବନେଶ୍ୱର,
୩।୬ (ଡି.ଏନ୍.ଏ.)

ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗର ଅସହଯୋଗ ଯୋଗୁ ଶୁକ୍ରବାର ପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ହୋଇପାରି ନାହିଁ। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ଦର୍ଶନ, ନିର୍ଘଣ୍ଟ ଅନୁଯାୟୀ ସମସ୍ତ ରୀତିନୀତି ଚାଲିଥିଲା। ସନ୍ଧ୍ୟା ୭ଟା ୩୦ରେ ଠାକୁରାଣୀ ଦ୍ୱିପ୍ରହର ଦୀପ କରାଯାଇ ନୀତି ବନ୍ଦ କରାଯାଇଥିଲା। ଫଳରେ ଲିଙ୍ଗରାଜଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବାରେ ଆଶଙ୍କା ଦେଖାଦେଇଛି। ଅଷ୍ଟ ଚଣ୍ଡୀ, ଅଷ୍ଟ ଶମ୍ଭୁଙ୍କୁ ନିମନ୍ତ୍ରଣ, ହାଣ୍ଡି ମଙ୍ଗୁଳା ଆଦି ସମସ୍ତ କାର୍ଯ୍ୟ ରିପୋର୍ଟ ଲେଖା ହେବା ବେଳକୁ ବନ୍ଦ ରହିଥିଲା। ମନ୍ଦିର ପ୍ରଶାସନ ଉପରୋକ୍ତ ଦୁଇ ନିଯୋଗ ସେବାୟତଙ୍କ ବିଭିନ୍ନ ସମସ୍ୟା ଓ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସେମାନେ ନୀତିରେ ଅସହଯୋଗ କରିବେ ବୋଲି ପୂଜାପଣ୍ଡା ନିଯୋଗର ବରିଷ୍ଠ ସେବାୟତ ତଥା ସଭାପତି କାଶୀନାଥ ପୂଜା ପଣ୍ଡା କହିଛନ୍ତି।



### ଶିବ ବିବାହ ପାଇଁ ଶ୍ୱଶୁରାଳୟ ପ୍ରସ୍ତୁତି

ଶିବ ବିବାହ ନେଇ ଆଶଙ୍କା ଦେଖାଦେଇଥିବା ବେଳେ ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ ଚଳଚଞ୍ଚଳ ହୋଇପଡ଼ିଛି। ମା'ପାର୍ବତୀ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହିତ କେଦାରଗୌରୀ ମନ୍ଦିରରେ ବିଧି ମୁତାବକ ବିବାହ, ହାତଗଣ୍ଠି ପଡ଼ିବା, କଉଡ଼ି ଖେଳ ଅନୁଷ୍ଠିତ ହେବ। ୩ଦିନ ଧରି ମନ୍ଦିରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟ ଆୟୋଜିତ ହେବ। ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସମାରୋହ ଆଦି ଶୃଙ୍ଖଳାର ସହ ଆୟୋଜିତ ହେବାକୁ ପ୍ରସ୍ତୁତି ଶେଷ ହୋଇଥିବା କେଦାରଗୌରୀ ମନ୍ଦିର ସେବାୟତ ତଥା ଶୀତଳଷଷ୍ଠୀ ସାଂସ୍କୃତିକ ପରିଷଦର ସଭାପତି ଗୌରୀ ଶଙ୍କର ମହାପାତ୍ର, ସମ୍ପାଦକ ନରେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ନୀତି ବନ୍ଦ ମନ୍ଦିର ପ୍ରଶାସନ ବୁଝିବ। ମାତ୍ର ଶ୍ରୀଜୀଉଙ୍କ ଶ୍ୱଶୂରାଳୟରେ ସମସ୍ତ କାର୍ଯ୍ୟ ପାଇଁ ଆମ୍ଭେ ପ୍ରସ୍ତୁତ ରହିଛୁ ବୋଲି ସେମାନେ କହିଛନ୍ତି।

# ଅଭିଯୁକ୍ତଙ୍କୁ ଓଡ଼ିଶା ଆଣିଲା ପୋଲିସ

ଭୁବନେଶ୍ୱର,୩।୬(ବ୍ୟୁରୋ)

**ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ବଳାତ୍କାର ଘଟଣା**

ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଘରୋଇ କଲେଜର ମହିଳା ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ବଳାତ୍କାର ଅଭିଯୋଗରେ ବୁଧବାର ବିଳମ୍ବିତ ରାତିରେ ଛତିଶଗଡ଼ ରାୟପୁରରୁ ଅଭିଯୁକ୍ତ ଉମେଶ ସୁଧାକରଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଶୁକ୍ରବାର ଓଡ଼ିଶା ଆଣିଛି ଖଣ୍ଡଗିରି ଥାନା ପୋଲିସ। ଏହାପରେ ତାଙ୍କର ମେଡିକାଲ ଟେଷ୍ଟ କରାଯାଇଥିଲା। କିନ୍ତୁ ମେଡିକାଲ ଟେଷ୍ଟିଂରେ ବିଳମ୍ବ ହେବାରୁ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଉମେଶ ପୀଡ଼ିତା ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସହ ଛତିଶଗଡ଼ରେ ଗୋଟିଏ କଲେଜରେ ପଢୁଥିବା ବେଳେ ବନ୍ଧୁ ହୋଇଥିଲେ। ଯୁବତୀ ଜଣକ ଗତ ବର୍ଷ ମାର୍ଚ୍ଚରେ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗଦେଇଥିଲେ। ହେଲେ ଉମେଶ ପରେ ଭୁବନେଶ୍ୱର ଆସି ଜାଗମରାସ୍ଥିତ ଏକ ହୋଟେଲକୁ ତାଙ୍କୁ ଡକାଇ ଥଣ୍ଡାପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ସେ ଅଚେତ ହୋଇଯିବା ପରେ ଉମେଶ ବଳାତ୍କାର କରିବା ସହ ତାହାର ଭିଡିଓ ପ୍ରସ୍ତୁତ କରିଥିଲେ। ପରେ ଉକ୍ତ ଭିଡିଓକୁ ସୋସିଆଲ୍ ମିଡିଆରେ ଛାଡ଼ିଦେବାକୁ ଧମକ ଦେଇ ଯୁବତୀଙ୍କୁ ୩ରୁ ଅଧିକଥର ବଳାତ୍କାର କରିଥିଲେ। ଏଥିସହ ଉମେଶ ଏପରି ବ୍ଲାକ୍‌ମେଲ୍ କରି ତାଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଆସିଷ୍ଟାଣ୍ଟ ପ୍ରଫେସର ଏ ନେଇ ଛତିଶଗଡ଼ କବୀରନଗର ଥାନାରେ ଅଭିଯୋଗ କରିଥିଲେ।




ସୁରଭି ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ଏକାମ୍ର ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଥିବାବେଳେ ଏକ ଦମ୍ପତି ସେମାନଙ୍କ ପିଲାଙ୍କୁ ପଇଡ଼ ପାଣି ପିଆଉଛନ୍ତି।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା 'ନାଟ୍ୟଧାରା' କାର୍ଯ୍ୟକ୍ରମର ଶୁକ୍ରବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଈଶ୍ୱର ଆଲ୍ଲା ତେରେନାମ'ର ଏକ ଦୃଶ୍ୟ।

